# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**8 February - 2025**

**News Editor : Tapan Kumar Maharana**

**********************************

## ମୁଖ୍ୟ ସମ୍ବାଦ

- ଦିଲ୍ଲୀ ବିଧାନସଭା ନିର୍ବାଚନରେ ଭୋଟ୍ ଗଣତି ଜାରି; ଉଭୟ ବିଜେପି ଏବଂ ଆପ୍ ୮ଟି ଲେଖାଏଁ ଆସନରେ ଏ ପର୍ଯ୍ୟନ୍ତ ବିଜୟୀ
- ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା ଭିତ୍ତିଭୂମି ଆଦି ବିଭିନ୍ନ କ୍ଷେତ୍ର ଉପରେ କ୍ୟାବିନେଟ୍ ବୈଠକରେ ନିଆଯାଇଛି ନିଷ୍ପତ୍ତି; କହିଲେ ମୁଖ୍ୟମନ୍ତ୍ରୀ
- ରାଜ୍ୟରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଅର୍ଥରାଶି ବଣ୍ଟନ କଲେ ମୁଖ୍ୟମନ୍ତ୍ରୀ

ଏବଂ

- କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆଜିଠାରୁ ଆରମ୍ଭ ହେଉଛି ତିନିଦିନିଆ ରାଷ୍ଟ୍ରୀୟ ଖେଳ ସମାରୋହ

*Desk*

# ଦିଲ୍ଲୀ ଇଲେକ୍ସନ ରେଜଲ୍ଟ

ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେପି ସଫଳତା ହାସଲ କରିଛି। ଏପର୍ଯ୍ୟନ୍ତ ଘୋଷିତ ହୋଇଥିବା ଆସନ ଗୁଡ଼ିକ ମଧ୍ୟରେ ବିଜେପି ୮ଟିରେ ବିଜୟ ଲାଭ କରିଥିବା ବେଳେ ୧୬ଟି ଆସନରେ ଆଗୁଆ ରହିଛି। ଆମ୍ ଆଦ୍‌ମୀ ପାର୍ଟି ମଧ ୮ଟି ସିଟ୍‌ରେ ବିଜୟ ହାସଲ କରିଛି ଏବଂ ୧୪ଟି ସିଟ୍‌ରେ ଆଗୁଆ ରହିଛି।

ବିଜେପିର ରେଖା ଗୁପ୍ତା ସାଲିମାର ବାଗ୍ ଆସନରୁ, ମନଜିନ୍ଦର ସିଂ ଶୀର୍ଷା ରାଜୌରୀ ଗାର୍ଡେନ ଆସନରୁ, ତିଲକ ରାମ ଗୁପ୍ତା ତ୍ରିନଗରରୁ, ଉମଙ୍ଗ ବଜାଜ ରାଜିନ୍ଦର ନଗରରୁ, ରବି ନେଗୀ ପପଡ଼ଗଞ୍ଜ, ଅରବିନ୍ଦର ସିଂ ଲବ୍‌ଲୀ ଗାନ୍ଧୀନଗରରୁ ଓ ଚନ୍ଦନ କୁମାର ଚୌଧୁରୀ ସଂଗମ ବିହାର ଆସନରୁ ବିଜୟୀ ହୋଇଛନ୍ତି। ୭୦ଟି ବିଧାନସଭା ଆସନ ପାଇଁ ୧୯ଟି କେନ୍ଦ୍ରରେ ଭୋଟ୍ ଗଣତି ଜାରି ରହିଛି।

ଉତ୍ତରପ୍ରଦେଶ ମିଲ୍‌କୀପୁର ଉପନିର୍ବାଚନରେ ବିଜେପି ଆଗୁଆ ରହିଛି। ସେହିଭଳି ତାମିଲନାଡୁର ଇରୋଡ-ପୂର୍ବ ବିଧାନସଭା ଉପନିର୍ବାଚନରେ ଡି.ଏମ୍.କେ'ର ପ୍ରାର୍ଥୀ ଚନ୍ଦ୍ରିକା କୁମାର ଆଗୁଆ ଅଛନ୍ତି।

*Desk*

# ପରୀକ୍ଷା ପେ ଚର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୦ ତାରିଖ ସୋମବାର ଦିନ ପୂର୍ବାହ୍ଣ ୧୧ଟା ସମୟରେ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ଦେଶବ୍ୟାପୀ ଛାତ୍ରଛାତ୍ରୀଙ୍କ ସହିତ ସିଧାସଳଖ ଆଲୋଚନା କରିବେ। 'ପରୀକ୍ଷା ପେ ଚର୍ଚ୍ଚା-୨୦୨୫' ୮ଟି ପର୍ଯ୍ୟାୟ ଉପରେ ପର୍ଯ୍ୟବେସିତ। ପ୍ରଧାନମନ୍ତ୍ରୀଙ୍କ ସହ ପ୍ରଥମ ଆଲୋଚନା ସିଧାସଳଖ ଭାବେ ଦୂରଦର୍ଶନ, ସ୍ୱୟଂ, ସ୍ୱୟଂପ୍ରଭା, ପିଏମ୍‌ଓ-ୟୁଟ୍ୟୁବ୍ ଚ୍ୟାନେଲ୍ ଓ ଶିକ୍ଷା ମନ୍ତ୍ରଣାଳୟ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସାମାଜିକ ଗଣମାଧ୍ୟମ ଚ୍ୟାନେଲ୍‌ରେ ପ୍ରସାରଣ କରାଯିବ। ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେବାପାଇଁ ମାନସିକ ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ପ୍ରଯୁକ୍ତିବିଦ୍ୟା ତଥା ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନେ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ମଧ୍ୟ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବେ। ଚଳିତବର୍ଷ ପ୍ରତ୍ୟେକ ରାଜ୍ୟ ତଥା କେନ୍ଦ୍ରଶାସିତ ଅଂଚଳରୁ ୩୬ ଜଣ ଲେଖାଏଁ ଛାତ୍ରଛାତ୍ରୀ ସିଧାସଳଖ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିବେ। ଏହି ସଂସ୍କରଣକୁ ଭାରତର ବିବିଧତା ଏବଂ ଅନ୍ତର୍ଭୁକ୍ତିର ପ୍ରକୃତ ପ୍ରତିଫଳନ ଭାବେ ବିବେଚନା କରାଯାଉଛି।

*Desk*

# ରାଜ୍ୟ କ୍ୟାବିନେଟ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲିର କ୍ୟାବିନେଟ୍ ନିଷ୍ପତ୍ତି ଉପରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା ଭିତ୍ତିଭୂମି, ଗମନାଗମନ, ସାମାଜିକ ସୁରକ୍ଷା ଆଦି କ୍ଷେତ୍ର ସମ୍ପର୍କିତ ପ୍ରସଙ୍ଗ ଉପରେ ବୈଠକରେ ନିଷ୍ପତ୍ତି ନିଆଯାଇଛି। ପ୍ରଚଳିତ ଗୃହ ନିର୍ମାଣ ଯୋଜନାରେ ଉପକୃତ ହୋଇ ନଥିବା ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ ପକ୍କାଘର ପ୍ରଦାନ କରାଯିବ। ଏ ନେଇ ମୋଟ ୭ ହଜାର ୫୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ନିଯୁକ୍ତି ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ପାଇଁ ଜୁଡିସିଆଲ ଷ୍ଟାଫ୍ ସର୍ଭିସେସ ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତ ନିୟମ-୨୦୦୮କୁ ସଂଶୋଧନ କରିବା ପାଇଁ କ୍ୟାବିନେଟ୍‌ରେ ନିଷ୍ପତ୍ତି ନିଆଯାଇଛି। ସେହିପରି ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିକୁ ତୃଣମୂଳସ୍ତରରେ ସୁଦୃଢ଼ କରିବା ପାଇଁ ରାଜ୍ୟର ସମସ୍ତ ୩୧୪ଟି ବ୍ଲକରେ ଷ୍ଟାଡିୟମ୍ ନିର୍ମାଣ ପାଇଁ ଏକ ନୂତନ ଯୋଜନାକୁ ଅନୁମୋଦନ ମିଳିଛି। ଏଥିପାଇଁ ପର୍ଯ୍ୟାୟକ୍ରମେ ୫ ବର୍ଷରେ ୪ ହଜାର ୧୨୪ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଗମନାଗମନ କ୍ଷେତ୍ରକୁ ସୁଦୃଢ଼

କରିବା ପାଇଁ ବିଭିନ୍ନ ଜିଲ୍ଲାରେ ଥିବା ନଦୀ ଉପରେ ନୂତନ ସେତୁ ନିର୍ମାଣ ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି ।

ମୁଖ୍ୟମନ୍ତ୍ରୀ କହିଛନ୍ତି...

**- V/O –**

***Desk***

## ଉପମୁଖ୍ୟମନ୍ତ୍ରୀଙ୍କ ଜୟନ୍ତୀ

ବିଶିଷ୍ଟ ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ପବିତ୍ର ମୋହନ ପ୍ରଧାନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଆଜି ଭୁବନେଶ୍ୱର ଜୟଦେବ ଭବନରେ ପାଳନ କରାଯିବ । କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କର ସ୍ମୃତିଚାରଣ କରିବା ସହ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାର ମହାନ ସ୍ୱାଧୀନତା ସଂଗ୍ରାମୀ, ପ୍ରଜାମଣ୍ଡଳ ଆନ୍ଦୋଳନର କର୍ଣ୍ଣଧାର ତଥା ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟବାସୀ ସବୁଦିନ ପାଇଁ ସ୍ମରଣ କରିବେ ବୋଲି କହିଛନ୍ତି ।

*Desk*

## ସୁଭଦ୍ରା ଯୋଜନା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଯାଜପୁର ଜିଲ୍ଲା ବ୍ୟାସନଗର ଚାନ୍ଦମା ପଡ଼ିଆରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଅର୍ଥରାଶି ପ୍ରଦାନ କରିଛନ୍ତି । ସମାଜ ଓ ଦେଶରେ ମହିଳାଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ । ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ମହିଳାମାନେ ଆଗାମୀ ଦିନରେ ଭୂମିକା ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

**- V/O -**

ଚତୁର୍ଥ ପର୍ଯ୍ୟାୟରେ ୧୮ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସୁଭଦ୍ରା ଯୋଜନାରେ ଅର୍ଥ ହସ୍ତାନ୍ତର କରାଯାଉଛି । ଏହି ଅର୍ଥ ବଣ୍ଟନ ପରେ ରାଜ୍ୟରେ ହିତାଧିକାରୀଙ୍କ ସଂଖ୍ୟା ୯୮ ଲକ୍ଷକୁ ବୃଦ୍ଧି ପାଇବ ବୋଲି ଜଣାପଡ଼ିଛି । କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ପ୍ରମୁଖ ଉପସ୍ଥିତ ଅଛନ୍ତି ।

ସୂଚନାଯୋଗ୍ୟ, ଆସନ୍ତା ମାର୍ଚ୍ଚ ମାସ ୮ ତାରିଖରେ ଏହି ଯୋଜନାର ଦ୍ୱିତୀୟ କିସ୍ତିର ପ୍ରଥମ ପର୍ଯ୍ୟାୟ ରାଶି ଦିଆଯିବ ବୋଲି ସରକାର ଘୋଷଣା କରିଛନ୍ତି ।

*Desk*

## ବିକଶିତ ଓଡ଼ିଶା ଗଠନ

୨୦୩୬ ବିକଶିତ ଓଡ଼ିଶା ଗଠନ ପାଇଁ ଉଭୟ ସହରୀକରଣ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ବୋଲି ଲୋକସେବା ଭବନରେ ଗୃହ ଓ ନଗର ଉନ୍ନୟନ ବିଭାଗର  ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କଟକ, ଭୁବନେଶ୍ୱର, ପୁରୀ ଓ ପାରାଦ୍ୱୀପକୁ ନେଇ ପ୍ରସ୍ତାବିତ ଅର୍ଥନୈତିକ ଅଞ୍ଚଳ ଗ୍ରେଟର ଭୁବନେଶ୍ୱର ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଛି। ଭୁବନେଶ୍ୱରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଆଉ ଏକ ନୂତନ ସହର ନିର୍ମାଣ ଏବଂ ମେଟ୍ରୋ ରେଳ ଚଳାଚଳ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି। ଆଗାମୀ ୫୦ ବର୍ଷକୁ ଦୃଷ୍ଟିରେ ରଖି ମୋଟ୍ ୮ ହଜାର ୫୦୦ ବର୍ଗ କିଲୋମିଟର ଅଞ୍ଚଳକୁ ସମାବେଶୀ, ବାସପୋଯୋଗୀ ଏବଂ ଦୀର୍ଘସ୍ଥାୟୀ ଅର୍ଥନୈତିକ ଅଞ୍ଚଳ ଭାବେ ବିକଶିତ କରିବା ପାଇଁ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ପୂର୍ତ୍ତ ସଚିବ ଭି.ଭି. ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

***Desk***

## କୁନ୍ତଳା କୁମାରୀଙ୍କ ଜୟନ୍ତୀ

ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କର ଆଜି ଜୟନ୍ତୀ ଅବସରେ ରାଜ୍ୟବ୍ୟାପୀ ଶ୍ରଦ୍ଧାଞ୍ଜଳି ଓ ସାହିତ୍ୟ ସଭା ଅନୁଷ୍ଠିତ ହେଉଛି। କୁନ୍ତଳା

କୁମାରୀ ଏକାଧାରରେ ଜଣେ ଚିକିତ୍ସାବିତ୍, ସାହିତ୍ୟିକା, ସମାଜସେବୀ ଏବଂ ସୁବକ୍ତା ଭାବେ ପରିଚିତ। ଅସହଯୋଗ ଆନ୍ଦୋଳନରେ ଅଂଶଗ୍ରହଣ ସହ ସେ ତାଙ୍କ ସ୍ୱଳ୍ପ ଜୀବନକାଳ ମଧ୍ୟରେ ଅନେକ କାବ୍ୟ କବିତା ରଚନା କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ' କୁନ୍ତଳା କୁମାରୀ ସାବତଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ମହିଳା ସଶକ୍ତୀକରଣ ଦିଗରେ ତାଙ୍କର ପ୍ରୟାସ ସର୍ବଦା ପ୍ରଶଂସନୀୟ ବୋଲି ଶ୍ରୀ ମାଝୀ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସମାଜରେ ରହିଥିବା ଅନ୍ଧବିଶ୍ୱାସ, କୁସଂସ୍କାର, ବିଶେଷତଃ ନାରୀ ଜୀବନର ବିବିଧ ସମସ୍ୟାକୁ ଦୂରେଇ ଏକ ସୁସ୍ଥ ସମାଜ ଗଠନ କରିବାର କୁନ୍ତଳାକୁମାରୀ ନିରନ୍ତର ଉଦ୍ୟମ କରିଥିଲେ ବୋଲି କହିଛନ୍ତି।

***Desk***

## ଗ୍ରାମୀଣ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଗ୍ରାମୀଣ ସ୍ତରର କ୍ରୀଡ଼ା ପ୍ରତିଭାଙ୍କୁ ଜାତୀୟସ୍ତରରେ ସାମିଲ କରିବା ପାଇଁ କଳିଙ୍ଗ ଷ୍ଟାଡିୟମରେ ଆଜିଠୁ ୩ ଦିନିଆ ରାଷ୍ଟ୍ରୀୟ ଖେଳ ସମାରୋହକୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ସନ୍ଧ୍ୟାରେ ଉଦ୍‌ଘାଟନ କରିବେ। ଏକଲ ସ୍କୁଲ ଅଭିଯାନରେ ଚଳିତ ବର୍ଷ ପ୍ରଥମଥର ପାଇଁ ଓଡ଼ିଶାରେ ଏହି ପ୍ରତିଯୋଗିତାକୁ ଆୟୋଜନ କରାଯାଉଛି। ଏଥିରେ

୨୮ଟି ରାଜ୍ୟର ୧ ହଜାର ୨୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିବେ। ଓଡ଼ିଶା ସମେତ ଉତ୍ତରାଖଣ୍ଡ, ଆନ୍ଧ୍ରପ୍ରଦେଶ, ହରିୟାଣା, ବିହାର, ମହାରାଷ୍ଟ୍ର, ଆସାମ ଆଦି ରାଜ୍ୟରୁ ଖେଳାଳିମାନେ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଆସିଛନ୍ତି।

ଉଦଯାପନୀ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ସମ୍ମାନିତ କରିବାର କାର୍ଯ୍ୟସୂଚୀ ରହିଛି। ସୂଚନାଯୋଗ୍ୟ, ଗାଁର ଖେଳାଳି ମାନଙ୍କୁ ଏକାଠି କରି ଜାତୀୟ ସ୍ତରରେ ସେମାନଙ୍କ ଦକ୍ଷତାକୁ ପ୍ରଦର୍ଶନ କରିବା ଏକଲ ଅଭିଯାନର ମୂଳ ଲକ୍ଷ୍ୟ।